## ସଂକ୍ଷେପରେ

### ଟ୍ରାକ୍ଟର ଧକ୍କାରେ ୧୦ ଶ୍ରମିକ ଆହତ

ଛେଣ୍ଡିପଦା,୩୦।୪(ସ୍ୱ.ପ୍ର.): ଅନୁଗୋଳ ଜିଲା ଛେଣ୍ଡିପଦା ବ୍ଲକ ବାଗଡିଆ ଥାନା ଟଙ୍ଗିରୀ ଗ୍ରାମ ନିକଟସ୍ଥ ଆଉଁଳୀ ପୋଲ ପାଖରେ ରବିବାର ଏକ ଟ୍ରାକ୍ଟର ଧକ୍କାରେ ଡାଲା ଅଟୋ ଓଲଟି ପଡ଼ିବାରୁ ୧୦ଜଣ ଶ୍ରମିକ ଆହତ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ୪ ଜଣ ଗୁରୁତର ହୋଇଛନ୍ତି। ସେମାନେ ହେଲେ ରୋହିତ ସାହୁ, ବସନ୍ତ ସାହୁ, ଦୀପୁ ସାହୁ, ସିରିଆ ବେହେରା । ପ୍ରକାଶ ଯେ, ସକାଳେ ଟାଙ୍ଗିରୀ ଗ୍ରାମରୁ ପ୍ରାୟ ୧୫ରୁ ଅଧିକ ଶ୍ରମିକ ବାଘୁଆବୋଲ ଗ୍ରାମକୁ ଛାତ ପକାଇବାକୁ ଯାଇଥିଲେ। ଛାତ କାମ ସାରି ଅପରାହ୍ନରେ ଘରକୁ ଡାଲା ଅଟୋରେ ଫେରିବା ସମୟରେ ଆଉଁଳି ପୋଲ ପାଖରେ ଏକ ମାଟି ବୋଝେଇ ଟ୍ରାକ୍ଟର ଡାଲା ଅଟୋକୁ ଧକ୍କା ଦେଇଥିଲା। ଫଳରେ ଡାଲା ଅଟୋଟି ଘଟଣାସ୍ଥଳରେ ଓଲଟି ପଡିଥିଲା। ତୁରନ୍ତ ସ୍ଥାନୀୟ ଜନସାଧାରଣଙ୍କ ସହଯୋଗରେ ସମସ୍ତ ଆହତଙ୍କୁ ଛେଣ୍ଡିପଦା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ସେଠାରୁ ୪ଜଣ ଗୁରୁତରଙ୍କୁ ଅନୁଗୋଳ ଜିଲା ଚିକିତ୍ସାଳୟକୁ ପଠାଇ ଦିଆଯାଇଥିଲା। ଖବର ଲେଖା ହେବା ସୁଦ୍ଧା ବାଗଡିଆ ଥାନାରେ କୌଣସି ଅଭିଯୋଗ ହୋଇ ନ ଥିବା ଜଣାପଡିଛି।

# ସମାନ ପଦବୀକୁ ସମାନ ପେନ୍‌ସନ ଦାବି

### ଏମ୍‌ପିଙ୍କୁ ପୂର୍ବତନ ସୈନିକ ସଂଘର ଦାବିପତ୍ର

ଢେଙ୍କାନାଳ ଅଫିସ, ୩୦।୪



ପୂର୍ବତନ ସୈନିକ ସଂଘ ତରଫରୁ ଦାବିପତ୍ର ପ୍ରଦାନ କରାଯାଉଛି।

ପୂର୍ବତନ ସୈନିକଙ୍କ ପ୍ରତି ହୋଇଥିବା ଅନ୍ୟାୟ ବିରୋଧରେ ସ୍ୱର ଉତ୍ତୋଳନ କରିଛି ଢେଙ୍କାନାଳର ପୂର୍ବତନ ସୈନିକ ସଂଘ। ଏହାର ପ୍ରତିବାଦରେ ରବିବାର ସଂଘ ସଦସ୍ୟମାନେ ଏମ୍‌ପି ମହେଶ ସାହୁଙ୍କ ସାକ୍ଷାତ୍ କରି ଦାବିପତ୍ର ପ୍ରଦାନ କରିଛନ୍ତି। ଏଥିପୂର୍ବରୁ ବସ୍‌ଷ୍ଟାଣ୍ଡସ୍ଥିତ ଶହୀଦ ସ୍ମୃତିସ୍ତମ୍ଭ ନିକଟରେ ଦାନ୍ତେୱାଡା ମାଓବାଦୀ ଆକ୍ରମଣରେ ଶହୀଦ ଯବାନଙ୍କ ସ୍ମୃତିଚାରଣ କରାଯାଇଥିଲା।

ଦାବିପତ୍ରରେ ଦର୍ଶାଯାଇଛି ଯେ, ଅବସରପ୍ରାପ୍ତ ସୈନିକଙ୍କ ପ୍ରତି ଭେଦଭାବ କରାଯାଇଛି। ଯୁଦ୍ଧରେ ଆହତ ସୈନିକଙ୍କୁ ନ୍ୟାୟ ମିଳୁନାହିଁ। ସମାନ ପଦକୁ ସମାନ ପେନ୍‌ସନ୍, ମିଲିଟାରି ସେବାସମ୍ମାନ ପ୍ରଦାନ କରିବାକୁ ବାରମ୍ବାର ଦାବି କରାଯାଉଥିଲେ ମଧ୍ୟ ସରକାର କର୍ଣ୍ଣପାତ କରୁନାହାନ୍ତି। ଏ ନେଇ ଏପ୍ରିଲ ୩ରେ ରାଷ୍ଟ୍ରପତି ଏବଂ ପ୍ରତିରକ୍ଷା ମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଇଥିଲା। ପୁନର୍ବାର ପ୍ରଧାନମନ୍ତ୍ରୀ, ପ୍ରତିରକ୍ଷା ମନ୍ତ୍ରୀଙ୍କୁ ପତ୍ର ମାଧ୍ୟମରେ ଏ ବିଷୟରେ ଅବଗତ କରାଯିବାକୁ ଉଦ୍ୟମ କରାଯାଇଛି ବୋଲି ସଂଘ ପକ୍ଷରୁ କୁହାଯାଇଛି। ଅନ୍ୟପଟେ ଦାବିପୂରଣରେ ସମ୍ପୂର୍ଣ୍ଣ ସହଯୋଗ କରିବେ ବୋଲି ଏମ୍‌ପି ପ୍ରତିଶ୍ରୁତି ଦେଇଛନ୍ତି। ଦାବିପତ୍ର ପ୍ରଦାନ ବେଳେ ସଂଘ ସଭାପତି କୈଳାସ ଚନ୍ଦ୍ର ରାଉତ, ଉପସଭାପତି ବିମଳ ଶତପଥୀ, ବିଭୂତି ଭୂଷଣ ନନ୍ଦ, ସମ୍ପାଦକ ସୁବାସ ଚନ୍ଦ୍ର ହୋତା, ଯୁଗ୍ମ ସମ୍ପାଦକ ସଞ୍ଜୟ ପଣ୍ଡା, କୋଷାଧ୍ୟକ୍ଷ ଅଖିଳ ରାଉତ, କାମାକ୍ଷାନଗର ଜୋନ୍‌ସଭାପତି ଡମ୍ବରୁଧର ରାଉତ, ସମ୍ପାଦକ ରବିନାରାୟଣ ସାହୁ, ହିନ୍ଦୋଳ ଜୋନ୍ ଉପଦେଷ୍ଟା ବ୍ରଜକିଶୋର ମହାପାତ୍ର ଏବଂ ନିମାଇଁ ଚରଣ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

# 'ବାଜି ରାଉତ ଶିଶୁ ସ୍ୱାଭିମାନ ଓ ସାହସର ପ୍ରତୀକ'

ଅନୁଗୋଳ ଅଫିସ, ୩୦।୪

ଅନୁଗୋଳସ୍ଥିତ ମାଳତୀ ଦେବୀ ଓ ନବକୃଷ୍ଣ ଚୌଧୁରୀ ଆଶ୍ରମରେ ଥିବା ବାଜି ରାଉତ ଛାତ୍ରାବାସର ୭୭ତମ ବାର୍ଷିକ ଉତ୍ସବ ନିରାଡ଼ମ୍ବର ଭାବରେ ପାଳିତ ହୋଇଯାଇଛି। ସକାଳେ ଯୋଗ, ପ୍ରାର୍ଥନା ଓ ସାମୂହିକ ସଫେଇ କାର୍ଯ୍ୟ ପରେ ଆଶ୍ରମରେ ଥିବା ସମସ୍ତ ବରପୁତ୍ରଙ୍କୁ ପୁଷ୍ପ ଅର୍ଘ୍ୟ ପ୍ରଦାନ କରାଯାଇଥିଲା। ମୁଖ୍ୟ ଅତିଥି ଭାବେ ଗାନ୍ଧୀ କଥାକାର ପ୍ରହ୍ଲାଦ ସିଂ ଯୋଗଦେଇ ଆୟୋଜିତ ଏକ ପ୍ରଦର୍ଶନୀକୁ ଉଦ୍‌ଘାଟନ କରିଥିଲେ। ପରେ ଏକ ସାଧାରଣ ସଭାରେ ମୁଖ୍ୟ ଅତିଥି ବାଜି ରାଉତଙ୍କୁ ଓଡ଼ିଶା ଶିଶୁ ସ୍ୱାଭିମାନ ଓ ସାହସର ପ୍ରତୀକ ବୋଲି ବର୍ଣ୍ଣନା କରିଥିଲେ। ସେହିପରି ମାଳତୀ ଦେବୀ ଓ ନବକୃଷ୍ଣ ଚୌଧୁରୀଙ୍କ ଜୀବନର ବହୁ ଅନାଲୋଚିତ ବିଷୟ ଉପରେ ଆଲୋକପାତ କରିଥିଲେ। ସମ୍ମାନିତ ଅତିଥି ଭାବେ ଡ. ବିନୟ ନାଥ ଅନ୍ତେବାସୀମାନଙ୍କ ଉନ୍ନତି ନିମନ୍ତେ ବିହିତ ପଦକ୍ଷେପ ନେବାକୁ ଅନୁରୋଧ କରିଥିଲେ। ମୁଖ୍ୟବକ୍ତା ସଂଗ୍ରାମୀ ଫୋରମର ସମ୍ପାଦକ ପ୍ରଶାନ୍ତ ଦାସ ଯୋଗଦେଇ କହିଥିଲେ ଯେ, ବାଜି ରାଉତ ହେଉଛନ୍ତି ସମୁଦ୍ର କୂଳରେ ଥିବା ବତୀ ଘର ସଦୃଶ। ଏହି ସଭାରେ ବିଶିଷ୍ଟ ଗବେଷିକା ତଥା ଲେଖିକା ଡ. ବିଦ୍ୟୁତ୍ ମହାନ୍ତିଙ୍କୁ ମାଳତୀ ଚୌଧୁରୀ ସମ୍ମାନରେ ସମ୍ମାନିତ କରାଯାଇଥିଲା। ରବୀନ୍ଦ୍ର ନାଥ ସାହୁ ସଭାପତିତ୍ୱ କରିଥିଲେ। ଛାତ୍ରାବାସ ମାର୍ଗଦର୍ଶିକା କ୍ରିଷ୍ଣା ମହାନ୍ତି ସ୍ୱାଗତ ଭାଷଣ ଦେଇଥିଲେ। ଧନେଶ୍ୱର ସାହୁ ବିବରଣୀପାଠ କରିଥିଲେ।



କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିମାନେ।

# ତାରିଣୀ ପୀଠର ବାର୍ଷିକ ଉତ୍ସବ

ଢେଙ୍କାନାଳ ଅଫିସ, ୩୦।୪

ଢେଙ୍କାନାଳ ଗାନ୍ଧୀମନ୍ଦିର ରୋଡସ୍ଥିତ ମା'ତାରିଣୀଙ୍କ ପୀଠର ୧୯ତମ ବାର୍ଷିକ ଉତ୍ସବ ଶନିବାରଠାରୁ ଆରମ୍ଭ ହୋଇଛି। ଏହା ମଙ୍ଗଳବାର ଉଦ୍‌ଯାପିତ ହେବ। ଏହି ଉପଲକ୍ଷେ ସ୍ଥାନୀୟ ଭାଗୀରଥି ସାଗରଠାରେ ପୂଜାର୍ଚ୍ଚନା ପରେ ମହିଳାମାନେ କଳସ ଶୋଭାଯାତ୍ରାରେ ବାହାରି ମନ୍ଦିରରେ ପହଞ୍ଚିଥିଲେ। ପରେ ଅଧିବାସ ସମ୍ପନ୍ନ ହୋଇଥିଲା। ୧ ତାରିଖରେ ରୁଦ୍ରାଭିଷେକ, ଗୀତାଯଜ୍ଞ, ୨ ତାରିଖରେ ଚଣ୍ଡୀପାଠ, ପୂର୍ଣ୍ଣାହୁତି ହେବ। ଅନ୍ତିମ ଦିବସରେ ଶ୍ରଦ୍ଧାଳୁଙ୍କ ପାଇଁ ପ୍ରସାଦ ସେବନ ବ୍ୟବସ୍ଥା କରାଯାଇଛି। ପୂଜକ ଲିଙ୍ଗରାଜ ପତିଙ୍କ ନେତୃତ୍ୱରେ ପୂଜାକାର୍ଯ୍ୟ ଚାଲିଥିବାବେଳେ କମିଟିର ସମସ୍ତ କର୍ମକର୍ତ୍ତା ପରିଚାଳନାରେ ସହଯୋଗ କରୁଛନ୍ତି।


କଳସ ଶୋଭାଯାତ୍ରାରେ ଶ୍ରଦ୍ଧାଳୁମାନେ।

# ଦୁର୍ଘଟଣାରେ ମୃତ୍ୟୁ ହୋଇଥିବା ପୋଲିସର ସନ୍ଦେହ

### ପୋଲତଳୁ ମୃତଦେହ ଜବତ ଘଟଣା

ଛେଣ୍ଡିପଦା,୩୦।୪(ସ୍ୱ.ପ୍ର.)

ଅନୁଗୋଳ ଜିଲା ଛେଣ୍ଡିପଦା ଥାନା ବାଲିପଟା ଗ୍ରାମ ନିକଟସ୍ଥ ତେଲି ପୋଲ ତଳୁ ଜଣେ ନିଖୋଜ ଯୁବକଙ୍କ ମୃତଦେହ ଗତ ୨୫ ତାରିଖରେ ପୋଲିସ ଜବତ କରିଥିଲା। ପରିବାର ଲୋକେ ଥାନାରେ ହତ୍ୟା ଅଭିଯୋଗ କରିଥିବାବେଳେ ପୋଲିସ ଏକ ହତ୍ୟା ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଥିଲେ ମଧ୍ୟ ଏଯାଏ ସେପରି ବଳିଷ୍ଠ ପ୍ରମାଣ ପାଇପାରି ନାହିଁ। ତେବେ ପ୍ରାଥମିକ ତଦନ୍ତରୁ ଯୁବକଙ୍କ ମୃତ୍ୟୁ ଦୁର୍ଘଟଣାଜନିତ ବୋଲି ପୋଲିସ ସନ୍ଦେହ କରୁଛି।

ପ୍ରକାଶ ଯେ, ଆଠମଲ୍ଲିକ ବ୍ଲକ ଠାକୁରଗଡ଼ ଥାନା ମଧୁକରଡାବାହାଳି ଗ୍ରାମର ଅମର ସାହୁ(୩୪) ଏକ ବିବାହ କାର୍ଯ୍ୟକ୍ରମରେ ଯୋଗଦେବାକୁ କୁକୁରପେଟା ଆସିଥିଲେ। ହେଲେ ସେ ଘରକୁ ନ ଫେରିବାରୁ ପରିବାର ଲୋକେ ଏ ନେଇ ଠାକୁରଗଡ଼ ଥାନାରେ ନିଖୋଜ ଅଭିଯୋଗ କରିଥିଲେ। ତେବେ ଗତ ୨୫ ତାରିଖରେ ଅମରଙ୍କ ମୃତଦେହ ଛେଣ୍ଡିପଦା ଥାନା ବାଲିପଟା ତେଲି ପୋଲ ତଳୁ ପୋଲିସ ଜବତ କରିଥିଲା। ଅମର ପିନ୍ଧିଥିବା ସୁନା ଚେନ ଓ ମୁଦି ନ ଥିବାରୁ ଏହା ଏକ ହତ୍ୟାକାଣ୍ଡ ବୋଲି ମୃତକଙ୍କ ଭାଇ ଅର୍ଜୁନ ସାହୁ ଥାନାରେ ଅଭିଯୋଗ କରିଥିଲେ। ଏପରିକି ୫ ଜଣ ଅଭିଯୁକ୍ତଙ୍କ ନାମ ଉଲ୍ଲେଖ କରିଥିଲେ। ପୋଲିସ ସମ୍ପୃକ୍ତ ୫ଜଣଙ୍କୁ ଥାନାକୁ ଆଣି ପଚରାଉଚରା କରିଥିଲା। ଘଟଣାର ୬ ଦିନ ବିତିଯାଇଥିଲେ ମଧ୍ୟ ପୋଲିସକୁ ସେପରି ତଥ୍ୟ ମିଳିପାରି ନାହିଁ। ତେବେ ପ୍ରାଥମିକ ତଦନ୍ତରୁ ଏହା ଦୁର୍ଘଟଣାଜନିତ ମୃତ୍ୟୁ ବୋଲି ପୋଲିସ ସନ୍ଦେହ କରୁଛି। ଛେଣ୍ଡିପଦା ଥାନା ଏସ୍‌ଆଇ ରାଜେଶ ଶତପଥୀ କହିଛନ୍ତି, ବିଭିନ୍ନ ଦିଗକୁ ନେଇ ତଦନ୍ତ ଜାରି ରହିଛି। ମୃତଦେହ ବ୍ୟବଚ୍ଛେଦ ରିପୋର୍ଟ ଓ ସାଇଣ୍ଟିଫିକ ଟିମର ରିପୋର୍ଟ ଆସିବା ପରେ ଏହା ହତ୍ୟା ନା ଦୁର୍ଘଟଣାଜନିତ ତାହା ଜଣାପଡିବ।




## ସଂକ୍ଷେପରେ

### ମହିମା ଜ୍ୟୋତିଯାତ୍ରା ପ୍ରସ୍ତୁତି ଚୂଡ଼ାନ୍ତ

**ଢେଙ୍କାନାଳ ଅଫିସ, ୩୦।୪:** ମହିମା ଧର୍ମ ପ୍ରଚାର ପ୍ରସାର ପାଇଁ ଆୟୋଜିତ ହେଉଥିବା ବାର୍ଷିକ ମହିମା ଜ୍ୟୋତିଯାତ୍ରାର ୧୦ମ ସଂସ୍କରଣ ଲାଗି ପ୍ରସ୍ତୁତି ଚୂଡ଼ାନ୍ତ ହୋଇଛି। ଜ୍ୟୋତିଯାତ୍ରା ସଂଯୋଜକ ପ୍ରଦ୍ୟୁମ୍ନ ରଥ, ମହିମା ସାଧୁ କରୁଣାକର ବାବା ବିଭିନ୍ନ ଟୁଙ୍ଗି ପରିକ୍ରମା କରି ଏ ସଂକ୍ରାନ୍ତରେ ଆଲୋଚନା କରିଛନ୍ତି। ତରଭା ଗ୍ରାମର ଧନଞ୍ଜୟ ବିଶ୍ୱାଳ, ଗ୍ରାମ ସଭାପତି ପ୍ରକାଶ ବିଶ୍ୱାଳଙ୍କୁ ପ୍ରଚାରପତ୍ର ହସ୍ତାନ୍ତର କରାଯାଇଛି। ମେ’ ୭ ଓଡ଼ାପଡ଼ା ବ୍ଲକ୍ ମାନପୁର ଗ୍ରାମରେ ଜ୍ୟୋତି ପରିକ୍ରମା କରିବ। ରାତି ୮ଟାରେ ମହିମା ଟୁଙ୍ଗିରେ ଧର୍ମସଭାର ଆୟୋଜନ କରାଯିବ। ଏ ନେଇ ଗ୍ରାମ ମୁଖିଆ ଲକ୍ଷ୍ମୀଧର ରାଉତ, ତୀର୍ଥବାସୀ ଭୂତିଆଙ୍କ ସହ ଆଲୋଚନା କରାଯାଇଛି। ୮ ତାରିଖରେ ବଅଁରପାଳ ସାମଲ ଗ୍ରୁପ୍ କମ୍ପାନୀ ପରିସରରେ ଆତ୍ମସେବା କାର୍ଯ୍ୟକ୍ରମ ରହିଛି। ସେହିଦିନ ମଧାହ୍ନରେ ହିନ୍ଦୋଳ ବ୍ଲକ୍ ବାଉଁଶପୋଖରୀ ପଞ୍ଚାୟତର ବରଡ଼ାପାଳ ଗ୍ରାମ ମହିମା ଟୁଙ୍ଗି ନିକଟରେ ଧର୍ମସଭା ଆୟୋଜିତ ହେବ। ଅପରାହ୍ନରେ ମହିମାଜ୍ୟୋତି ନଗର ପରିକ୍ରମା କରିବ। ଭକ୍ତ ହରିଶ ବେହେରା, ନିରୋଦ ସାହୁ, ମାନସ ରଞ୍ଜନ ପ୍ରଧାନ, ପୁରନ୍ଦର ବେହେରା, ନିରାକାର ବେହେରା ପ୍ରମୁଖଙ୍କ ଉପସ୍ଥିତିରେ କାର୍ଯ୍ୟକ୍ରମର ରୂପରେଖ ଚୂଡ଼ାନ୍ତ ହୋଇଛି।

### ଚନ୍ଦନେଶ୍ୱର ପୀଠର ପ୍ରଥମ ବାର୍ଷିକ ଉତ୍ସବ

**ଢେଙ୍କାନାଳ ଅଫିସ, ୩୦।୪:** ଢେଙ୍କାନାଳ ସଦର ବ୍ଲକ୍ ତରଭା ପଞ୍ଚାୟତ ଖଳିବନ୍ଧ ସାହି ନିକଟ ମୁଣ୍ଡିଆ ଉପରେ ନିର୍ମିତ ଚନ୍ଦନେଶ୍ୱର ମହାଦେବଙ୍କ ପୀଠର ପ୍ରଥମ ବାର୍ଷିକ ଉତ୍ସବ ୨୭ ତାରିଖରୁ ଆରମ୍ଭ ହୋଇଛି। ସୋମବାର ଯଜ୍ଞାନୁଷ୍ଠାନର ପୂର୍ଣ୍ଣାହୁତି କାର୍ଯ୍ୟକ୍ରମ ରହିଛି। ପ୍ରଥମ ଦିବସରେ ଅଙ୍କୁରାରୋପଣ, ଦ୍ୱିତୀୟ ଦିବସରେ କଳସଯାତ୍ରା ପରେ ଅପରାହ୍ନରୁ ଯଜ୍ଞ ଆରମ୍ଭ ହୋଇଛି। ଆଚାର୍ଯ୍ୟ ଭାବେ ପଣ୍ଡିତ ସିଦ୍ଧେଶ୍ୱର ମିଶ୍ର, ଡ. ସୌମ୍ୟରଞ୍ଜନ ମହାପାତ୍ର, ସୁଶାନ୍ତ କୁମାର ମିଶ୍ର, ଶ୍ରୀକାନ୍ତ ନନ୍ଦ, ମନସୁମନ ମିଶ୍ର ପୂଜାକାର୍ଯ୍ୟ ତୁଲାଉଛନ୍ତି। ଏହି ଅବସରରେ ଅନ୍ନଯଜ୍ଞ, ନାମଯଜ୍ଞ ସହ ଭଜନ ସମାରୋହ ଅନୁଷ୍ଠିତ ହେଉଛି। ମନ୍ଦିର କମିଟି ସଭାପତି ଧନଞ୍ଜୟ ବିଶ୍ୱାଳ, ଉପସଭାପତି ସର୍ବେଶ୍ୱର ବିଶ୍ୱାଳ, ସମ୍ପାଦକ ପ୍ରବୋଧ ବିଶ୍ୱାଳ, କୋଷାଧ୍ୟକ୍ଷ ଗଗନ ବିହାରୀ ସ୍ୱାଇଁ ପ୍ରମୁଖଙ୍କ ତତ୍ତ୍ୱାବଧାନରେ ସମସ୍ତ କାର୍ଯ୍ୟକ୍ରମ ପରିଚାଳିତ ହେଉଛି। ଢେଙ୍କାନାଳ ଜିଲା ଶ୍ରୀଜଗନ୍ନାଥ ସେବା ପରିଷଦର ସଭାପତି ପ୍ରଦ୍ୟୁମ୍ନ ରଥ ଯୋଗଦେଇ କମିଟି କର୍ମକର୍ତ୍ତାଙ୍କୁ ଉତ୍ସାହିତ କରାଇଥିଲେ। ସୂଚନାଯୋଗ୍ୟ, ଚାରି ଏକର ଜମି ଉପରେ ପ୍ରତିଷ୍ଠିତ ଚନ୍ଦନେଶ୍ୱର ପୀଠରେ ଗତବର୍ଷ ଠାକୁରଙ୍କ ଲିଙ୍ଗ ପ୍ରତିଷ୍ଠା କରାଯାଇଥିଲା। ମନ୍ଦିରକୁ ସଡ଼କ ନିର୍ମାଣ ହୋଇଥିବାବେଳେ ୫୦ରୁ ଊର୍ଦ୍ଧ୍ୱ ପାହାଚ ନିର୍ମାଣ କାମ ଜାରି ରହିଛି।

# କାର୍ଯ୍ୟ ବୋଝରେ ଠିକା ଶ୍ରମିକ

- ନୂତନ ନିଯୁକ୍ତି ଦିଗରେ ଅବହେଳା
- ସମସ୍ୟା ସମାଧାନ କରାଯାଉନି
- ମାନବ ସମ୍ବଳ ହ୍ରାସ ପାଉଛି



**ବଅଁରପାଳ, ୩୦।୪ (ଡି.ଏନ.ଏ.)**

ଶ୍ରମିକଙ୍କ ବିନା ଦେଶର ଉନ୍ନତି ସମ୍ଭବ ନୁହେଁ। ଏହା ସତ୍ତ୍ୱେ ଶ୍ରମିକମାନେ ଆଜି ଅବହେଳିତ ଅବସ୍ଥାରେ ରହିଛନ୍ତି। ଦୀର୍ଘବର୍ଷ ହେଲା କାର୍ଯ୍ୟ କରିଆସୁଥିଲେ ହେଁ ଆବଶ୍ୟକ ପାରିଶ୍ରମିକ ଓ ସୁବିଧା ସୁଯୋଗ ସେମାନଙ୍କୁ ମିଳିପାରୁ ନ ଥିବା ଏବେ ବି ଅଭିଯୋଗ ହେଉଛି। ସେହିପରି ସ୍ଥାୟୀ ଶ୍ରମିକମାନେ ଅବସର ନେଉଥିବାବେଳେ ନୂତନ ନିଯୁକ୍ତି କ୍ଷେତ୍ରରେ ଅବହେଳା କରାଯାଉଥିବାରୁ ଦିନକୁ ଦିନ ଶ୍ରମିକଙ୍କ ସଂଖ୍ୟା ହ୍ରାସ ପାଇବାରେ ଲାଗିଛି। ଫଳରେ ଠିକା ଶ୍ରମିକମାନଙ୍କ ଉପରେ କାର୍ଯ୍ୟର ବୋଝ ବଢୁଛି। ଏପରି କି ଉତ୍ପାଦନ କ୍ଷେତ୍ର ମଧ୍ୟ ପ୍ରଭାବିତ ହେଉଛି। ଅନୁଗୋଳ ଜିଲାର ନବରତ୍ନ ମାନ୍ୟତାପ୍ରାପ୍ତ କମ୍ପାନୀ ନାଲ୍କୋ ଏହାର ଏକ ଉଦାହରଣ।

ଅନୁଗୋଳ ଜିଲାରେ ଥିବା ନାଲ୍କୋର ସିପିପି ଓ ସ୍ମେଲଟରରେ ସ୍ଥାୟୀ କର୍ମଚାରୀଙ୍କ ବ୍ୟତୀତ ୪ ହଜାରରୁ ଅଧିକ ଠିକା ଶ୍ରମିକ କାର୍ଯ୍ୟ କରୁଛନ୍ତି। ପ୍ଲାଣ୍ଟ ନିର୍ମାଣରେ ଏହି ଶ୍ରମିକମାନଙ୍କର ବହୁ ଅବଦାନ ରହିଛି। ହେଲେ କର୍ତ୍ତୃପକ୍ଷ ଅନେକ ସମୟରେ ଏହି ଠିକା ଶ୍ରମିକମାନଙ୍କ ପ୍ରତି ଅବହେଳା ପ୍ରଦର୍ଶନ କରୁଥିବା ନେଇ ଅଭିଯୋଗ ହେଉଛି। କୁଶଳୀ, ଅର୍ଦ୍ଧକୁଶଳୀ, ଅଣକୁଶଳୀ ଠିକାଶ୍ରମିକ କାର୍ଯ୍ୟରତ ଥିବାବେଳେ ଅନେକ ସମୟରେ କୁଶଳୀ ଶ୍ରମିକଙ୍କୁ ଅଣକୁଶଳୀଙ୍କ ପ୍ରାପ୍ୟ ଦିଆଯାଉଛି। ସେହିପରି ନିୟମ ଅନୁଯାୟୀ ମହିଳା ଶ୍ରମିକ କାର୍ଯ୍ୟ କରୁଥିଲେ ସେମାନଙ୍କ ଶିଶୁର ଲାଳନପାଳନ ନିମନ୍ତେ କାରଖାନା ପକ୍ଷରୁ ସାଧାରଣତଃ ଶିଶୁପାଳନ ଗୃହ ବା କ୍ରେଚ୍ କରାଯିବାର ଆବଶ୍ୟକତା ରହିଛି। ମହିଳା ଶ୍ରମିକମାନେ ପ୍ଲାଣ୍ଟକୁ ଯିବା ପୂର୍ବରୁ ଶିଶୁମାନଙ୍କୁ ଏହି ଗୃହରେ ଛାଡ଼ି ଯାଇଥାନ୍ତି। ମାତ୍ର ସିପିପି ଓ ସ୍ମେଲଟରରେ ଥିବା କ୍ରେଚ୍‌ରେ ଦୀର୍ଘବର୍ଷ ହେଲା ତାଲା ଝୁଲୁଛି। ୨୦୦୭ଠାରୁ ନୂତନ ନିଯୁକ୍ତି କ୍ଷେତ୍ରକୁ ଅଣଦେଖା କରାଯାଉଛି। କେବଳ କେତେଜଣ କ୍ଷତିଗ୍ରସ୍ତଙ୍କୁ ନିଯୁକ୍ତି ମିଳିଥିବା ବେଳେ ଅନ୍ୟମାନଙ୍କ ପାଇଁ ସୁଯୋଗ ପ୍ରାୟତଃ ନାହିଁ। ଏବେ ପ୍ରତ୍ୟେକ ମାସରେ ନାଲ୍କୋରୁ ୩୦ରୁ ୪୦ କର୍ମଚାରୀ ଅବସର ଗ୍ରହଣ କରୁଛନ୍ତି। ଯେଉଁ ଜମିହରା କ୍ଷତିଗ୍ରସ୍ତଙ୍କୁ ଚାକିରି ଦିଆଯାଇଛି ସେମାନଙ୍କ ମଧ୍ୟରୁ ଅନେକ ୩ରୁ ୪ ବର୍ଷ ମଧ୍ୟରେ ଅବସର ନେଇଯିବେ। ଏଥିଯୋଗୁ ପ୍ଲାଣ୍ଟରେ ମାନବ ସମ୍ବଳ କମିଯିବ। ବରିଷ୍ଠ ଓ ଅଭିଜ୍ଞ କର୍ମଚାରୀମାନେ ଚାକିରିରୁ ଅବସର ନେବା ପରେ ବହୁ ସମସ୍ୟା ଉପୁଜିବ। କିନ୍ତୁ ନୂତନ ନିଯୁକ୍ତି କ୍ଷେତ୍ରରେ ନାଲ୍କୋ କର୍ତ୍ତୃପକ୍ଷ ଏପର୍ଯ୍ୟନ୍ତ ସ୍ଥାୟୀ ପ୍ରତିକାର କରିପାରୁ ନାହାନ୍ତି। ତେଣୁ ଠିକା ଶ୍ରମିକମାନଙ୍କ ଉପରେ କାର୍ଯ୍ୟ ବୋଝ ଅଧିକ ପଡ଼ିବ ବୋଲି ଶ୍ରମିକ ନେତାମାନେ ମତ ପ୍ରକାଶ କରିଛନ୍ତି। ଏ ସମ୍ପର୍କରେ ନାଲ୍କୋ ମାନବ ସମ୍ବଳ ବିଭାଗ ଉପମହାପ୍ରବନ୍ଧକ ସୁନୀଲ ମହାପାତ୍ର କହିଛନ୍ତି, ପ୍ରତ୍ୟେକ ମାସରେ ୩୦ରୁ ୪୦ କର୍ମଚାରୀ ଅବସର ନେଉଛନ୍ତି। ତେଣୁ ସ୍ଥାୟୀ କର୍ମଚାରୀଙ୍କ ସଂଖ୍ୟା ହ୍ରାସ ପାଉଛି। ନୂତନ ନିଯୁକ୍ତି ପାଇଁ ନାଲ୍କୋ କର୍ପୋରେଟ୍ ପକ୍ଷରୁ ନିର୍ଦ୍ଦେଶ ଆସିଲେ ସେ ଦିଗରେ ପଦକ୍ଷେପ ନିଆଯିବ।

#### ମାନବ ସମ୍ବଳ କମୁଛି



ନାଲ୍କୋ ସ୍ମେଲଟର ପ୍ଲାଣ୍ଟରେ ୨୭୦୦ ସ୍ଥାୟୀ କର୍ମଚାରୀ ଥିଲେ। ଏବେ ସେମାନଙ୍କ ସଂଖ୍ୟା ୧୭୦୦। ସେହିପରି ସିପିପିରେ ୧୨୦୦ କର୍ମଚାରୀ ଥିଲେ। ଏବେ ମାତ୍ର ୪୭୮ ଜଣ କାର୍ଯ୍ୟରତ ଅଛନ୍ତି। ପ୍ଲାଣ୍ଟରେ ଧୀରେ ଧୀରେ ମାନବ ସମ୍ବଳ କମୁଥିବାରୁ ନୂତନ ନିଯୁକ୍ତି କ୍ଷେତ୍ରରେ ପ୍ରାଧାନ୍ୟ ଦିଆଯାଉ।

-ବିଭବ ଜେନା, ସାଧାରଣ ସମ୍ପାଦକ, ନାଲ୍କୋ ଶ୍ରମିକ କଂଗ୍ରେସ

#### ପ୍ରତିବାଦ ନିମନ୍ତେ ଶ୍ରମିକ ଏକତ୍ରିତ ହୁଅନ୍ତୁ



କର୍ମଚାରୀଙ୍କ ଦୀର୍ଘ ଦିନର ଦାବି ପ୍ରତି ନାଲ୍କୋ କର୍ତ୍ତୃପକ୍ଷ କର୍ଣ୍ଣପାତ କରୁନାହାନ୍ତି। କର୍ମଚାରୀଙ୍କ ସରଳତାର ଫାଇଦା ଉଠାଉଛନ୍ତି। ଶ୍ରମିକମାନେ ଏକତ୍ରିତ ହୋଇ ଏହାର ପ୍ରତିବାଦ କଲେ ସମସ୍ତ ଦାବି ପୂରଣ ହୋଇପାରିବ।

-ମନୋଜ ଅମାନ୍ତ, ସାଧାରଣ ସମ୍ପାଦକ, ବିଦ୍ୟୁତ୍ ମଜଦୁର ସଂଘ

#### ସ୍ୱୀକୃତିପ୍ରାପ୍ତ ନିର୍ବାଚନ ହେଉନି



ଉଭୟ ସ୍ମେଲଟର ଓ ସିପିପିରେ ଦୀର୍ଘବର୍ଷ ହେଲା ସ୍ୱୀକୃତିପ୍ରାପ୍ତ ସଂଘ ପାଇଁ ନିର୍ବାଚନ ହେଉନି। ଫଳରେ ଶ୍ରମିକ ସଙ୍ଗଠନ ଓ ନାଲ୍କୋ କର୍ତ୍ତୃପକ୍ଷଙ୍କ ମଧ୍ୟରେ କୌଣସି ଆଲୋଚନା ହୋଇପାରୁନାହିଁ। ଏଥିଯୋଗୁ ଶ୍ରମିକମାନଙ୍କ ସମସ୍ୟା ସମାଧାନ ହେଉନାହିଁ।

-ବୈରାଗୀ ସେଠ, ସାଧାରଣ ସମ୍ପାଦକ, ନେପୁ

#### ମୌଳିକ ଦାବି ପୂରଣ ହେଉନି



ନାଲ୍କୋରେ କର୍ମଚାରୀମାନଙ୍କ ଅନେକ ସମସ୍ୟା ରହିଛି। ଏ ନେଇ ବାରମ୍ବାର କର୍ତ୍ତୃପକ୍ଷଙ୍କ ନିକଟରେ ଦାବି ଉପସ୍ଥାପନ କରାଯାଉଛି। ହେଲେ ସେସବୁ ପୂରଣ କରିବା ଦିଗରେ କମ୍ପାନୀ ପକ୍ଷରୁ ପଦକ୍ଷେପ ନିଆଯାଉନାହିଁ।

-ମୁନା ସାମଲ, ସଭାପତି, ଆଲୁମିନିୟମ୍ ମଜଦୁର ସଂଘ

## ଯୌତୁକ ପାଇଁ ବଧୂହତ୍ୟା ଅଭିଯୋଗ

**ଅନୁଗୋଳ ଅଫିସ, ୩୦।୪**

ଅନୁଗୋଳ ସହର ରାଜକିଶୋରପଡ଼ାରୁ ଜଣେ ନବବଧୂଙ୍କ ମୃତଦେହ ପୋଲିସ ଜବତ କରିଛି। ମୃତ ମହିଳା ଜଣକ ବିନୋଦ ନାଏକ (୩୧)ଙ୍କ ସ୍ତ୍ରୀ ସୁଜାତା ନାଏକ ବୋଲି ପୋଲିସ ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି। ସୁଜାତାଙ୍କୁ ଯୌତୁକ ପାଇଁ ହତ୍ୟା କରାଯାଇଥିବା ତାଙ୍କ ବାପା ପଠାଣି ନାଏକ ଲିଖିତ ଅଭିଯୋଗ କରିବା ପରେ ପୋଲିସ ନଂ. ୨୧୦/୨୩ରେ ମାମଲା ରୁଜୁ କରି ଅଭିଯୁକ୍ତ ସ୍ୱାମୀ ବିନୋଦଙ୍କୁ ଗିରଫ କରିଛି।

ପୋଲିସ କହିଛି, ବାଗଡ଼ିଆ ଥାନା କଣଲୋଇ ଗ୍ରାମର ବିନୋଦ ନାଏକଙ୍କୁ ୨୦୨୨ ଜୁନ୍ ୧୦ରେ ସମ୍ବଲପୁର ଜିଲା ନାକଟିଦେଉଳ ଥାନା ସରାପାଲି ଗ୍ରାମର ପଠାଣି ନାଏକଙ୍କ ସାନ ଝିଅ ସୁଜାତା ବିବାହ କରିଥିଲେ। ବିବାହ ସମୟରେ ଘର କରଣା ସାମଗ୍ରୀ ସହ ଅଳଙ୍କାର ଦିଆଯାଇଥିଲା। ହେଲେ ଅଧିକ ୨ ଲକ୍ଷ ଟଙ୍କା ଯୌତୁକ ଆଣିବାକୁ ବିନୋଦ ବିଭିନ୍ନ ସମୟରେ ସ୍ତ୍ରୀ ସୁଜାତାଙ୍କୁ କହୁଥିଲେ। ମାଡ଼ଗାଳି ମଧ୍ୟ ଦେଉଥିଲେ। ୩ ମାସ ହେବ ଦମ୍ପତି ଅନୁଗୋଳ ରାଜକିଶୋରପଡ଼ାରେ ରହୁଥିବାବେଳେ ଶନିବାର ରାତିରେ ସୁଜାତା ଆତ୍ମହତ୍ୟା କରିଥିବା ବାପା ପଠାଣି ଖବର ପାଇଥିଲେ। ଅଧିକ ଯୌତୁକ ପାଇଁ ଝିଅଙ୍କୁ ହତ୍ୟା କରାଯାଇଥିବା ନେଇ ପଠାଣି ଥାନାରେ ଅଭିଯୋଗ କରିଥିଲେ। ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଥିବା ପୋଲିସ ପକ୍ଷରୁ କୁହାଯାଇଛି।

## ‘ସଚେତନତା, କାର୍ଯ୍ୟାନୁଷ୍ଠାନ ଜରୁରୀ’



ତମାଖୁ ନିୟନ୍ତ୍ରଣ ଜିଲାସ୍ତରୀୟ କର୍ମଶାଳା।

#### ତମାଖୁ ନିୟନ୍ତ୍ରଣ କର୍ମଶାଳା

**ଢେଙ୍କାନାଳ ଅଫିସ, ୩୦।୪**

ଭାରତରେ ତମାଖୁ ସେବନ ଦ୍ୱାରା ବର୍ଷକୁ ୧୦ ଲକ୍ଷରୁ ଅଧିକ ଲୋକଙ୍କ ମୃତ୍ୟୁ ଘଟୁଛି। କେବଳ ଯୁବଗୋଷ୍ଠୀ ନୁହନ୍ତି, ମହିଳାମାନେ ମଧ୍ୟ ଏହି ନିଶା କବଳିତ ହେଲେଣି। ଧୂମପାନକାରୀଙ୍କ ସଂସ୍ପର୍ଶରେ ଆସୁଥିବା ବ୍ୟକ୍ତି ମଧ୍ୟ କର୍କଟ ଓ ଫୁସ୍‌ଫୁସ୍ ଭଳି ଜଟିଳ ରୋଗରେ ପଡ଼ୁଛନ୍ତି। ତମାଖୁ ବ୍ୟବହାରଜନିତ ସ୍ୱାସ୍ଥ୍ୟହାନିକୁ ରୋକିବା ପାଇଁ ବ୍ୟାପକ ସଚେତନତା ଏବଂ କଠୋର କାର୍ଯ୍ୟାନୁଷ୍ଠାନ ଜରୁରୀ ବୋଲି ଢେଙ୍କାନାଳ ଜିଲା ପରିଷଦ ସମ୍ମିଳନୀ କକ୍ଷରେ ସ୍ୱେଚ୍ଛାସେବୀ ସଙ୍ଗଠନ ପିପୁଲ୍ସ କଲଚରାଲ ସେଣ୍ଟର (ପିକକ୍) ପକ୍ଷରୁ ଆୟୋଜିତ ଜିଲାସ୍ତରୀୟ ତମାଖୁ ନିୟନ୍ତ୍ରଣ କର୍ମଶାଳାରେ ମତପ୍ରକାଶ ପାଇଛି।

ଏମ୍‌ପି ମହେଶ ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମ ଶୁଭାରମ୍ଭ କରି କହିଲେ, ତମାଖୁ ସେବନର ଭୟାବହତାରୁ ପରବର୍ତ୍ତୀ ପିଢ଼ିକୁ ସୁରକ୍ଷିତ ରଖିବାରେ ସମସ୍ତଙ୍କ ଗୁରୁଦାୟିତ୍ୱ ରହିଛି। ଏଥିଲାଗି କଠୋର ଆଇନ ପ୍ରଣୟନ କରିବା ଜରୁରୀ ବୋଲି ଏମ୍‌ପି ମତବ୍ୟକ୍ତ କରିଥିଲେ। ଜିଲା ପରିଷଦ ସଭାନେତ୍ରୀ ଅର୍ଚ୍ଚନା ପୁହାଣ ଯୋଗଦେଇ କହିଲେ, ମହିଳାମାନେ ସଜାଗ ହେଲେ ତମାଖୁ ସେବନକୁ ଅନେକାଂଶରେ ରୋକାଯାଇପାରିବ। ପିକକ୍‌ର ସମ୍ପାଦକ ରଞ୍ଜନ କୁମାର ମହାନ୍ତି ତମାଖୁ ନିରୋଧୀ ଆଇନ ଉପରେ ଆଲୋକପାତ କରିଥିଲେ। ନେହେରୁ ଯୁବକେନ୍ଦ୍ର ଉପନିର୍ଦ୍ଦେଶକ ଅଶୋକ ଦାଶ, ନ୍ୟୁ ଇଣ୍ଡିଆ ସମ୍ପାଦକ ଶେଷଦେବ ରାଉତ ଅତିଥି ଭାବେ ଉପସ୍ଥିତ ଥିଲେ। ଅତିରିକ୍ତ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ଜ୍ୟୋତିଷ କୁମାର ମହାପାତ୍ର ପାୱାର ପଏଣ୍ଟ ପ୍ରେଜେଣ୍ଟେଶନ ମାଧ୍ୟମରେ ତମାଖୁ ସେବନର ଭୟାବହତା ସମ୍ପର୍କରେ ତଥ୍ୟ ଉପସ୍ଥାପନ କରିଥିଲେ।

ପିକକ୍‌ର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶିକା ଅନୁରାଧା ମହାନ୍ତି, ସତ୍ୟଶିବ ରଥ, ହରିହର ବଳବନ୍ତରାୟ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ। କର୍ମଶାଳାରେ ୨୦୦ରୁ ଊର୍ଦ୍ଧ୍ୱ ମହିଳା ପୁରୁଷ ଯୋଗଦେଇଥିଲେ। ସମସ୍ତଙ୍କୁ ଶପଥପାଠ କରାଯାଇଥିଲା।

## ‘ସଫଳତା କ୍ଷୁଦ୍ର ଗଳ୍ପ ଭଳି’

**ଢେଙ୍କାନାଳ ଅଫିସ, ୩୦।୪**

ଢେଙ୍କାନାଳ କଲେଜରେ ଜାତୀୟ ସେବା ଯୋଜନା ଆନୁକୂଲ୍ୟରେ ଗତ ୨୦ ତାରିଖରୁ ଚାଲିଥିବା ସ୍ୱତନ୍ତ୍ର ଶିବିର ଉଦ୍‌ଯାପିତ ହୋଇଯାଇଛି। ଆନୁଷ୍ଠାନିକ ଶିକ୍ଷା ଓ ନିୟମିତ ନିଯୁକ୍ତି ନ ଥିବା ୧୫ରୁ ୨୯ ବର୍ଷର ଯୁବତୀଯୁବକଙ୍କ ମାର୍ଗଦର୍ଶନ କରାଇବା ଉଦ୍ଦେଶ୍ୟରେ ଏହି ଶିବିର ଆୟୋଜନ କରାଯାଇଥିଲା। ଅଧ୍ୟକ୍ଷ ରଞ୍ଜିତ କୁମାର ପ୍ରଧାନ ଏହାକୁ ଉଦ୍‌ଘାଟନ କରି ଶିବିରାର୍ଥୀଙ୍କ ମାର୍ଗଦର୍ଶନ କରାଇଥିଲେ। ପ୍ରଶିକ୍ଷକ ନିରୋଦ ବରଣ ଖୁଣ୍ଟିଆ କହିଲେ, ଜୀବନର ସଫଳତା କ୍ଷୁଦ୍ର ଗଳ୍ପ ଭଳି। ଯୁବପିଢ଼ି ଉପଯୁକ୍ତ ପଥ ଚୟନ କରି ସେ ଦିଗରେ ଅଗ୍ରସର ହେଲେ ସଫଳ ହୋଇପାରିବେ ବୋଲି ସେ କହିଥିଲେ। ଅଧ୍ୟକ୍ଷ ପ୍ରଫେସର ପ୍ରଧାନଙ୍କ ପୌରୋହିତ୍ୟରେ ଆୟୋଜିତ ଉଦ୍‌ଯାପନୀ ସମାରୋହରେ ମୁଖ୍ୟ ଅତିଥି ଭାବେ ପ୍ରଶିକ୍ଷକ ଖୁଣ୍ଟିଆ, ସମ୍ମାନିତ ଅତିଥି ପ୍ରଶାସନିକ ଅଧିକାରୀ ଡ. ଦେବାଶିଷ ମହାନ୍ତି, ଅର୍ଥନୀତି ବିଭାଗର ସହକାରୀ ପ୍ରଫେସର ଡ. ସଞ୍ଜିତ କୁମାର ମହାପାତ୍ର ଏବଂ ପାରିମାଳ କଲେଜ ଅଧ୍ୟାପକ ରଶ୍ମିରଞ୍ଜନ ବରାଳ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମ ଅଧିକାରୀ ଡ. ଦେବରାଜ ପରିଡ଼ା ପରିଚାଳନା କରିଥିଲେ। ଜିଲାର ୪ କଲେଜର ୫୦ ସ୍ୱେଚ୍ଛାସେବୀଙ୍କୁ ନେଇ ୨ ସହରାଞ୍ଚଳ, ୩୪ ଗ୍ରାମରେ ସର୍ବେକ୍ଷଣ କରାଯାଇଥିଲା।

## ଶବର ଜାତିର ବିକାଶ ପାଇଁ ଆହ୍ୱାନ

**ପରଜଙ୍ଗ, ୩୦।୪(ଡି.ଏନ୍.ଏ.)**

ଢେଙ୍କାନାଳ ଜିଲା ପରଜଙ୍ଗ ବ୍ଲକ ଖଣ୍ଡୁଆଳମୁଣ୍ଡା ଗ୍ରାମ ଡେଙ୍ଗେଇ ଟୋଟାରେ ରବିବାର ୧୬ ମୌଜା ଶବର ଜାତି ସମାଜର ବାର୍ଷିକ ଉତ୍ସବ ଆଡମ୍ବର ସହକାରେ ପାଳିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଜିଲା ନୀଳମାଧବ ଆଦିବାସୀ ସଂଘର ସଭାପତି ଗଣେଶ୍ୱର ପ୍ରଧାନ, ସମ୍ମାନିତ ଅତିଥି କାର୍ଯ୍ୟକାରିଣୀ ସମ୍ପାଦକ ରସାନନ୍ଦ ଦେହୁରୀ, ଆବାହକ ରମେଶ ଚନ୍ଦ୍ର ଦେହୁରୀ, ଉପଦେଷ୍ଟା ଶ୍ରୀକାନ୍ତ ଦେହୁରୀ, ପ୍ରହ୍ଲାଦ ଦେହୁରୀ, ନିତ୍ୟାନନ୍ଦ ଦେହୁରୀ, ପରଜଙ୍ଗ ୧୬ ମୌଜା ଶବର ଜାତି ସମାଜର ଯୁବ ସଭାପତି ଭୀମସେନ ଖଟୁଆ ପ୍ରମୁଖ ମଞ୍ଚାସୀନ ଥିଲେ। ସଙ୍ଗଠିତ ହୋଇ ଶବର ଜାତିର ବିକାଶ କରିବା, ଅନ୍ଧବିଶ୍ୱାସ ଛାଡ଼ି ଶିକ୍ଷା ଆଡ଼କୁ ଅଗ୍ରସର ହେବା, ନ୍ୟାଯ୍ୟଦାବି ପାଇଁ ଚାଲିଥିବା ଲଢ଼େଇରେ ମହିଳାମାନେ ସାମିଲ ହେବାକୁ ଅତିଥିମାନେ ଆହ୍ୱାନ ଦେଇଥିଲେ। କାର୍ଯ୍ୟକ୍ରମରେ ବ୍ଲକର ବିଭିନ୍ନ ସ୍ଥାନରୁ ୫୦୦ରୁ ଊର୍ଦ୍ଧ୍ୱ ସଦସ୍ୟ ଉପସ୍ଥିତ ଥିଲେ।




ବାର୍ଷିକ ଉତ୍ସବରେ ଯୋଗଦେଇଥିବା ଅତିଥି ଏବଂ ସଭ୍ୟମାନେ।

## ‘ନୃତ୍ୟ ଏକାଗ୍ରତା ବଢ଼ାଏ’

**ଢେଙ୍କାନାଳ ଅଫିସ,୩୦।୪**

ଢେଙ୍କାନାଳ ପୁରୁଣା ଜିଲା ପରିଷଦ ହଲ୍‌ଠାରେ ନୃତ୍ୟାନୁଷ୍ଠାନ ‘ନୀତା ନୃତ୍ୟାଙ୍ଗନା’ ପକ୍ଷରୁ ଅନ୍ତର୍ଜାତୀୟ ନୃତ୍ୟ ଦିବସ ପାଳିତ ହୋଇଯାଇଛି। ଅନୁଷ୍ଠାନର ଉପଦେଷ୍ଟା ଶିଳ୍ପୀ ପରେଶ ଚନ୍ଦ୍ର ପଟ୍ଟନାୟକ ଏହାକୁ ଉଦ୍‌ଘାଟନ କରି କହିଲେ, ନୃତ୍ୟଦ୍ୱାରା ବିଭୁକୃପା ଲାଭ ହୋଇଥାଏ। ସାନ୍ଧ୍ୟ ଅଧିବେଶନରେ ମୁଖ୍ୟ ଅତିଥି ଭାବେ ଅବସରପ୍ରାପ୍ତ ଶିକ୍ଷାବିତ୍ ସୁସନ୍ଧ୍ୟା ମହାନ୍ତି, ସମ୍ମାନିତ ଅତିଥି ଭାବେ ଏସ୍‌ପି ଜ୍ଞାନରଞ୍ଜନ ମହାପାତ୍ର, ସାମାଜିକ କର୍ମୀ ସାଗରିକା ମିଶ୍ର, ନେହେରୁ ଯୁବକେନ୍ଦ୍ର ଉପନିର୍ଦ୍ଦେଶକ ଅଶୋକ ଦାଶ ଯୋଗଦେଇ କହିଲେ, ନୃତ୍ୟ ଦ୍ୱାରା ଶରୀର ସୁସ୍ଥ ରୁହେ। ମନରେ ଏକାଗ୍ରତା ବଢ଼ିଥାଏ। ଏହି ଅବସରରେ କାମାକ୍ଷାନଗରର ସନ୍ତୋଷ ଦାଶଙ୍କୁ ଶ୍ରେଷ୍ଠ ନୃତ୍ୟଗୁରୁ ଏବଂ ଅନୁଗୋଳର ସୁଶ୍ରୀ ପ୍ରୀତି ନନ୍ଦଙ୍କୁ ଶ୍ରେଷ୍ଠ ନୃତ୍ୟଶିଳ୍ପୀ ଭାବେ ସମ୍ମାନିତ କରାଯାଇଥିଲା। ଏଥିସହ କଟକ ଜିଲା ଟିଗିରିଆ ଓ ତାଳଚେରର ନୃତ୍ୟ ଦଳ ସମ୍ବର୍ଦ୍ଧିତ ହୋଇଥିଲେ। ନୃତ୍ୟଶିଳ୍ପୀ ଦେବାଂଶୁ ଦେବାଶୀ, ଶୁଭଲକ୍ଷ୍ମୀ ନାୟକ ପୁରସ୍କୃତ ହୋଇଥିଲେ। ଅନୁଷ୍ଠାନର ବନମାଳୀପ୍ରସାଦ, ମହିଷାପାଟ, ଶ୍ୟାମାଚରଣପୁର ଶାଖାର ଛାତ୍ରୀଛାତ୍ରମାନେ ନୃତ୍ୟ ପରିବେଷଣ କରିଥିଲେ। ଅନୁଷ୍ଠାନର ନିର୍ଦ୍ଦେଶକ ଗୁରୁ ଆଶିଷ କୁମାର ପାଲ ବିବରଣୀ ପାଠ କରିଥିବାବେଳେ ଅଧ୍ୟକ୍ଷା ଶୁଚିସ୍ମିତା ମାନା ଧନ୍ୟବାଦ ଦେଇଥିଲେ।




କାର୍ଯ୍ୟକ୍ରମରେ ଅତିଥି ଏବଂ ସମ୍ମାନିତ ହୋଇଥିବା ଛାତ୍ରୀଛାତ୍ର।

## ବୈଶାଖୀ ମହୋତ୍ସବ ଉପଲକ୍ଷେ ପ୍ରତିଯୋଗିତା




କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିବୃନ୍ଦ।

**ଢେଙ୍କାନାଳ ଅଫିସ, ୩୦।୪**

ଢେଙ୍କାନାଳର ସାଂସ୍କୃତିକ ଅନୁଷ୍ଠାନ ‘ଗୁଡ୍‌ନାଇଟ କ୍ଲବ’ ପକ୍ଷରୁ ବୈଶାଖୀ ମହୋତ୍ସବ ଉପଲକ୍ଷେ ନୃତ୍ୟ, ସଙ୍ଗୀତ ଓ ଚିତ୍ରାଙ୍କନ ପ୍ରତିଯୋଗିତା ସ୍ଥାନୀୟ ଗୋପବନ୍ଧୁ ଟାଉନ୍ ହଲରେ ରବିବାର ପୂର୍ବାହ୍ନର ଅନୁଷ୍ଠିତ ହୋଇଯାଇଛି। ସାମାଜିକ କର୍ମୀ ରାଜୀବ ଲୋଚନ ସିଂଦେଓ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ମୁଖ୍ୟ ଅତିଥି ଭାବେ ରାଜ୍ୟ ବନ ନିଗମ ଉପଦେଷ୍ଟା ଦେବୀ ପ୍ରସାଦ ଭୂତିଆ ଯୋଗଦେଇ ବୈଶାଖୀ ମହୋତ୍ସବର ମହତ୍ତ୍ୱ ବିଷୟରେ ମତବ୍ୟକ୍ତ କରିଥିଲେ। କ୍ଲବ ସଭାପତି ସୁକାନ୍ତ ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସମ୍ପାଦକ ବିଶ୍ୱନାଥ ବେହେରା ବିବରଣୀ ପାଠ କରିଥିଲେ। ସମ୍ମାନିତ ଅତିଥି ଭାବେ ବରିଷ୍ଠ ଆଇନଜୀବୀ ଶିବସାଇ ମହାପାତ୍ର, ଜିଲା ଓକିଲ ସଂଘ ସଭାପତି ଗୋପାଳ ଚନ୍ଦ୍ର ପାତ୍ର, ସାମାଜିକ କର୍ମୀ ସାଗରିକା ମିଶ୍ର ପ୍ରମୁଖ ଯୋଗଦେଇଥିଲେ। ବରଦାପ୍ରସନ୍ନ ନନ୍ଦ ଧନ୍ୟବାଦ ଅର୍ପଣ କରିଥିଲେ। କବି ଅଥୟ ସାହୁଙ୍କ ସଂଯୋଜନାରେ ସତ୍ୟସ୍ୱରୂପ ଦାସ, ଦେବାଶିଷ ମିଶ୍ର, ଅରବିନ୍ଦ ସାହୁ, ବିନୋଦ ମହାନ୍ତି, ଲକ୍ଷ୍ମୀକାନ୍ତ ସାହୁ, ନୃସିଂହ ବେହେରା, ଶ୍ରୀନିବାସ ଦାସ, ବାବୁଲି ଦାସ, ସୁଚିତ୍ର ବେହେରା ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ। ଆସନ୍ତା ୨ ତାରିଖରୁ ୩ଦିନ ଧରି ମିନି ଷ୍ଟାଡିୟମ୍‌ରେ ୭ମ ବୈଶାଖୀ ମହୋତ୍ସବ ଅନୁଷ୍ଠିତ ହେବ ବୋଲି ସୂଚନା ଦିଆଯାଇଛି।

## ଶ୍ରମିକ ନେତା ସୌଭାଗ୍ୟ ପ୍ରଧାନ ପାଇବେ ‘ବିଜୁ ଶ୍ରମିକ ବନ୍ଧୁ ସମ୍ମାନ’

**ତାଳଚେର, ୩୦।୪(ନି.ପ୍ର.)**

ଅନୁଗୋଳ ଜିଲାର ବିଶିଷ୍ଟ ଶ୍ରମିକ ନେତା ସୌଭାଗ୍ୟ ଚନ୍ଦ୍ର ପ୍ରଧାନ ‘ବିଜୁ ଶ୍ରମିକ ବନ୍ଧୁ ସମ୍ମାନ-୨୦୨୩’ ପାଇବାକୁ ଯୋଗ୍ୟ ବିବେଚିତ ହୋଇଛନ୍ତି। ମେ’ ୧ ବିଶ୍ୱ ଶ୍ରମିକ ଦିବସ ଅବସରରେ ଭୁବନେଶ୍ୱର ଜୟଦେବ ଭବନରେ ଅନୁଷ୍ଠିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ସୌଭାଗ୍ୟଙ୍କ ସମେତ ଅନ୍ୟ ୫ ଜଣଙ୍କୁ ଏହି ସମ୍ମାନରେ ସମ୍ମାନିତ କରାଯିବ।

ସୌଭାଗ୍ୟ ନିଜ ଜୀବନକାଳ ମଧ୍ୟରେ ୫୦ରୁ ଊର୍ଦ୍ଧ୍ୱ ଶ୍ରମିକ ସଙ୍ଗଠନ ସହ ଜଡ଼ିତ ଅଛନ୍ତି। ସେ ପ୍ରଥମେ ତାଳଚେର ଅଞ୍ଚଳର ଡେରା କୋଲିୟାରି କୋଇଲା ଖଣିରେ ୧୯୭୦ରେ ବୃତ୍ତିଗତ ଜୀବନ ଆରମ୍ଭ କରିଥିଲେ। ୨୦୦୩ରେ ଓସିଏମ୍‌ଏସ୍ (ଆଇଏନ୍‌ଟିୟୁସି) ଶ୍ରମିକ ସଙ୍ଗଠନର ସମ୍ପାଦକ ହୋଇଥିଲେ। ୨୦୧୨ରୁ ଅଦ୍ୟାବଧି ସେ ସାଧାରଣ ସମ୍ପାଦକ ଭାବେ କାର୍ଯ୍ୟ ତୁଲାଇ ଆସୁଛନ୍ତି। ଏଥିସହ ୨୦୦୬ରୁ ଓଡ଼ିଶା ରାଜ୍ୟ ଆଇଏନ୍‌ଟିୟୁସିର ସାଧାରଣ ସମ୍ପାଦକ, ୨୦୨୨ରୁ ଇଣ୍ଡିଆନ ନ୍ୟାଶନାଲ ମାଇନ୍ସ ୱର୍କର୍ସ ଫେଡେରେଶନର ସାଧାରଣ ସମ୍ପାଦକ, ୨୦୧୮ରୁ ଜାତୀୟ ଆଇଏନ୍‌ଟିୟୁସିର ସଙ୍ଗଠନ ସମ୍ପାଦକ ଭଳି ଗୁରୁତ୍ୱପୂର୍ଣ୍ଣ ପଦପଦବୀରେ ଅଛନ୍ତି। ସୌଭାଗ୍ୟ ଚନ୍ଦ୍ର ‘ବିଜୁ ଶ୍ରମିକ ବନ୍ଧୁ ସମ୍ମାନ-୨୦୨୩’ ପାଇବା ପାଇଁ ଚୟନ ହୋଇଥିବାରୁ ତାଙ୍କୁ ବିଭିନ୍ନ ମହଲରେ ଶୁଭେଚ୍ଛା ଜ୍ଞାପନ କରାଯାଇଛି।



ସୌଭାଗ୍ୟ ଚନ୍ଦ୍ର ପ୍ରଧାନ।

